


# ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଆଇଆଇଆର୍ଏଫ୍ ର୍ୟାଙ୍କିଙ୍ଗ୍‌ରେ ବଡ଼ ସଫଳତା

**ଭୁବନେଶ୍ୱର(ବ୍ୟୁରୋ)** ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି (ବିଜିୟୁ)କୁ ଶିକ୍ଷା, ନବୋନ୍ମେଷ (ଇନୋଭେସନ) ଏବଂ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧତା ପାଇଁ ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁସନାଲ୍ ର୍ୟାଙ୍କିଙ୍ଗ୍‌ଫ୍ରେମ୍‌ଓ୍ୱର୍କ (ଆଇଆଇଆରଏଫ୍) ଦ୍ୱାରା ପ୍ରକାଶିତ 'ଆଇଆଇଆରଏଫ୍ ଇଣ୍ଡିଆ ର୍ୟାଙ୍କିଙ୍ଗ୍ ୨୦୨୬' ରେ ବିଶେଷ ସ୍ଥାନ ଲାଭ କରିଛି। ଏହି ର୍ୟାଙ୍କିଙ୍ଗ୍ ବିଭିନ୍ନ ପ୍ରମୁଖ ମାପଦଣ୍ଡ ଆଧାରରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ମୂଲ୍ୟାଙ୍କନ କରିଥାଏ ଏବଂ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ଆଇନ ଏବଂ ମ୍ୟାନେଜମେଣ୍ଟ କଲେଜ ଭଳି ଭିନ୍ନ ଭିନ୍ନ ବର୍ଗରେ ର୍ୟାଙ୍କ ପ୍ରଦାନ କରିଥାଏ। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଏକ ସନ୍ତୁଳିତ ଏବଂ ସାମଗ୍ରିକ ମୂଲ୍ୟାଙ୍କନକୁ ଏହି ର୍ୟାଙ୍କିଙ୍ଗ୍‌ସ୍ୱୀକୃତିଦେଇଛି, ଯାହା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷାବିତମାନଙ୍କୁ ପ୍ରତିଷ୍ଠାନର ଗୁଣବତ୍ତା ଓ ପ୍ରଦର୍ଶନର ଆକଳନ କରିବା ପାଇଁ ଏକ ନିରପେକ୍ଷ ଢାଞ୍ଚାଯୋଗାଇଥାଏ। ୨୦୨୬ ର ସର୍ବଶେଷ ର୍ୟାଙ୍କିଙ୍ଗ୍ ଅନୁଯାୟୀ, ବିର୍ଲାଗ୍ଲୋବାଲ୍ ୟୁନିଭର୍ସିଟି ନ୍ତଦି ନ୍ୟୁ ଏଜ୍ ପ୍ରାଇଭେଟ୍ ୟୁନିଭର୍ସିଟି-ଓଭରଅଲ୍' ବର୍ଗରେ ୭୧ତମ ସ୍ଥାନ ହାସଲ କରିଛି। ଏହା ସହିତ ରାଜ୍ୟରେ ୩ୟ ଏବଂଜୋନ୍‌ରେ ୯ମ ସ୍ଥାନରେ ରହିଛି, ଯାହା ଭାରତର ଅନ୍ୟତମ ଶ୍ରେଷ୍ଠବେସରକାରୀ ବିଶ୍ୱବିଦ୍ୟାଳୟ ଭାବରେ ଏହାର ବର୍ଦ୍ଧିତ ଗୌରବକୁ ଦର୍ଶାଉଛି। ବିଶ୍ୱବିଦ୍ୟାଳୟର ଅନ୍ତର୍ଗତ ବିଭିନ୍ନ ବିଭାଗଗୁଡ଼ିକ ମଧ୍ୟ ନିଜ ନିଜ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି। ବିର୍ଲା ସ୍କୁଲ୍ ଅଫ୍ ଲ' (ବିଏସ୍‌ଓଏଲ୍) ବେସରକାରୀ ଆଇନ ଶିକ୍ଷାନୁଷ୍ଠାନ ବର୍ଗରେ ରାଜ୍ୟରେ ୨ୟ ସ୍ଥାନ ସହ ଜାତୀୟ ସ୍ତରରେ ୪୯ତମ ସ୍ଥାନ ହାସଲ କରିଛି। ସେହିପରି ବିର୍ଲା ସ୍କୁଲ୍ ଅଫ୍ ମ୍ୟାନେଜମେଣ୍ଟ(ବିଏସ୍‌ଓଏମ୍) ବେସରକାରୀ ବି-ସ୍କୁଲ୍ ଗୁଡ଼ିକ ମଧ୍ୟରେ ରାଜ୍ୟରେ ୬ଷ୍ଠ ସ୍ଥାନ ସହ ଜାତୀୟ ସ୍ତରରେ ୮୧ତମ ସ୍ଥାନରେ ରହିଛି। ଏହା ବ୍ୟତୀତ ବିର୍ଲା ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ବିଏସ୍‌ଓଇଟି) ବେସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ୍ ମଧ୍ୟରେ ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ବର୍ଗରେ ଜୋନାଲ୍ ର୍ୟାଙ୍କ ୧୦ ଏବଂ ରାଜ୍ୟ ର୍ୟାଙ୍କ ୪ ସହ ଜାତୀୟ ସ୍ତରରେ ୫୩ତମ ସ୍ଥାନ ହାସଲ କରିଛି। ଏହି ସଫଳତା ବିଜିୟୁର ଶିକ୍ଷାଗତ ଶ୍ରେଷ୍ଠତା, ଶିଳ୍ପ ସହଯୋଗ, ବିଶ୍ୱସ୍ତରୀୟ ଗବେଷଣା, ଅଭିନବ ଶିକ୍ଷାଦାନ ଏବଂ ଛାତ୍ରଛାତ୍ରୀଙ୍କ ସଫଳତା ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିପାଦିତ କରେ। ଏକ ପରିବର୍ତ୍ତନଶୀଳ ଦୁନିଆରେ ଛାତ୍ରଛାତ୍ରୀମାନଙ୍କ ବିକାଶ ପାଇଁ ଏକ ଉତ୍ତମ ଶିକ୍ଷା ପରିବେଶ ସୃଷ୍ଟି କରିବାର ଲକ୍ଷ୍ୟକୁ ମଧ୍ୟ ଏହା ପ୍ରତିଫଳିତ କରେ। ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟି ଜାତୀୟ ଏବଂ ବିଶ୍ୱ ସ୍ତରରେ ଏକ ମାନ୍ୟତା ପ୍ରାପ୍ତ ପ୍ରତିଷ୍ଠାନ ହେବା ଦିଗରେ ଆଗକୁ ବଢ଼ୁଥିବା ବେଳେ, ଏହା ଦାୟିତ୍ୱସମ୍ପନ୍ନ ନେତୃତ୍ୱ ଗଠନ, ଆନ୍ତଃବିଷୟକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ଏବଂ ଶିକ୍ଷା ଓ ଗବେଷଣା ମାଧ୍ୟମରେ ସମାଜରେ ଏକ ସକାରାତ୍ମକ ପ୍ରଭାବ ପକାଇବା ଉପରେ ନିଜର ଦୃଷ୍ଟି ନିବଦ୍ଧ ରଖିଛି।

# ଟିପିଏନଓଡିଏଲ୍ ପକ୍ଷରୁ ନୂତନ ମିଟରିଂ ଷ୍ଟୋର ଉଦ୍‌ଘାଟିତ

**ବାଲେଶ୍ୱର(ଅମୃତ ମିଡ଼ିଆ)** ଉପଭୋକ୍ତାମାନଙ୍କୁ ଅଧିକ ସୁବିଧାଜନକ ଏବଂ ଗୁଣାତ୍ମକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ଆଜି ରାଇରଙ୍ଗପୁରରେ ନିଜର ଚତୁର୍ଥ ମିଟରିଂ ଷ୍ଟୋରର ଉଦ୍ଘାଟନ କରିଛି। ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଦୁଷ୍ୟନ୍ତ କୁମାର ତ୍ୟାଗୀ ଶୁକ୍ରବାର ଦିନ ଟିପିଏନଓଡିଏଲ୍ ଅପରେସନ ମୁଖ୍ୟ ନିଲେଶ ପୋଟଫଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ କୁମାର ମହାନ୍ତି, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡା ଓ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଷ୍ଟୋରକୁ ଉଦ୍ଘାଟନ କରିଛନ୍ତି। ଉତ୍ତର ଓଡ଼ିଶାରେ ମୋଟ ୧୩ଟି ମିଟରିଂ ଷ୍ଟୋର ସ୍ଥାପନ କରିବା ନେଇ ଟିପିଏନଓଡିଏଲ୍ ଯୋଜନା ରଖିଥିବାବେଳେ ରାଇରଙ୍ଗପୁରରେ ଚତୁର୍ଥ ଷ୍ଟୋର ଲୋକାର୍ପିତ ହୋଇଛି। ପ୍ରଥମ ମିଟରିଂ ଷ୍ଟୋର ୨୦୨୫ ଅଗଷ୍ଟରେ ବାଲେଶ୍ୱରର ବାଲିଆରେ ଉଦ୍ଘାଟିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ଓ ଆନନ୍ଦପୁରରେ ଦୁଇଟି ଷ୍ଟୋର ଲୋକାର୍ପିତ ହୋଇଥିଲା। ଖୁବଶୀଘ୍ର ଆଉ ୯ଟି ମିଟରିଂ ଷ୍ଟୋର କାର୍ଯ୍ୟକ୍ଷମ କରିବା ନେଇ ଟିପିଏନଓଡିଏଲ୍ ଯୋଜନା ରଖିଛି। ଏହା ଦ୍ୱାରା ଉପଭୋକ୍ତାମାନେ ନିଜ ଅଞ୍ଚଳରେ ସହଜରେ ମିଟର ସମ୍ବନ୍ଧୀୟ ସେବା ଓ ସହାୟତା ପାଇପାରିବେ। ଏହି ଅବସରରେ ସିଇଓ ଶ୍ରୀ ତ୍ୟାଗୀ କହିଥିଲେ, "ଆମର ମିଟରିଂ ଷ୍ଟୋରଗୁଡ଼ିକ ଉପଭକ୍ତାଙ୍କୁ ଉତ୍ତମ, ସଠିକ୍ ଏବଂ ସୁବିଧାଜନକ ସେବା ପ୍ରଦାନ କରିବା ଲକ୍ଷ୍ୟରେ ସ୍ଥାପିତ ହୋଇଛି। ଏହି ପଦକ୍ଷେପ ଆମର ସେବା ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ଏବଂ ପ୍ରତ୍ୟେକ ଗ୍ରାହକଙ୍କୁ ସହଜରେ ମିଟରିଂ ସମସ୍ୟା ନେଇ ସମାଧାନ ଉପଲବ୍ଧ କରିବ।" ଏହି ମିଟରିଂ ଷ୍ଟୋରଗୁଡ଼ିକୁ ସ୍ଥାନୀୟ ଅଞ୍ଚଳରେ ସେବା କେନ୍ଦ୍ର ଭାବେ ବିକଶିତ କରାଯାଇଛି, ଯେଉଁଠାରେ ଗ୍ରାହକମାନେ ମିଟର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇପାରିବେ। ଏହା ଦ୍ୱାରା ମିଟର ସମ୍ବନ୍ଧୀୟ ସହାୟତା ପାଇଁ ଗ୍ରାହକଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ପ୍ରତ୍ୟେକ ଷ୍ଟୋରରେ 'ଅବଲୋକନ' ନାମରେ ଏକ ଟେଷ୍ଟିଂ ବେଞ୍ଚ ବ୍ୟବସ୍ଥା ରହିଛି, ଯାହା ମାଧ୍ୟମରେ ମିଟରର ସଠିକତା ପରୀକ୍ଷା କରାଯାଇପାରିବ। ଏହା ଗ୍ରାହକଙ୍କ ମଧ୍ୟରେ ବିଲିଂ ପ୍ରକ୍ରିୟା ପ୍ରତି ବିଶ୍ୱାସ ବୃଦ୍ଧି କରିବା ସହ ବିବାଦ ହ୍ରାସ କରିବ। ଏଥିସହିତ ମିଟର ସ୍ଥାପନ, ମିଟର ପରିବର୍ତ୍ତନ ଏବଂ ବିଲିଂ ସହାୟତା ଭଳି ସେବା ମଧ୍ୟ ଏହି ଷ୍ଟୋରରେ ଏକ ସ୍ଥାନରେ ଉପଲବ୍ଧ ହେବ।



# ପଟିଆ ପ୍ରିମିଅର ଲିଗ୍ ଉଦ୍‌ଘାଟିତ



**ଭୁବନେଶ୍ୱର(ବ୍ୟୁରୋ)** ପଟିଆଗଡ ଯାତ୍ରା ପଡିଆ ଠାରେ ସଟ୍ ବାଉଣ୍ଡରୀ ଟେନିସ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟପଟିଆ ପ୍ରିମିଅର ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ନେତା ଗୋଲକ ମହାପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ୧ ନଂ ୱାର୍ଡର କର୍ପୋରେଟର ମିହିର କୁମାର ରାଉତ, ଯୁବନେତା ତ୍ରୈଲୋକ ନାଥ ରାଉତ, ହିମାଂଶୁ ଶେଖର ଦାସ, ସୁବାସ ଜେନା , ମନୋରନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରିମିଅର ଲିଗ୍ ୧୨ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ପଟିଆ ଗ୍ରାମର ୬ଟି ଦଳ ଯଥା ପଟିଆ ଟାଇଗର୍, ଇଗଲ କିଙ୍ଗସ୍, ପଟିଆ ଲାୟନ୍ସ, ବ୍ଲାକ ପାନ୍ଥସ୍, ଫାୟାର ବଲ ଓ ଜୟଦେବ ଫାଟରସ୍ ଅଂଶଗ୍ରହଣ କରିଛନ୍ତି। ଆଇପିଏଲ ଢାଞ୍ଚାରେ ପ୍ରତ୍ୟେକ ଟିମ୍ ୫ ଟି ଦଳ ସହିତ ଖେଳିବ। ୩୦ ଟି ଲିଗ୍ ମ୍ୟାଚ ଖେଳ ହେବା ପରେ ସର୍ବାଧିକ ପଏଣ୍ଟ ଅର୍ଜନ କରିଥିବା ୪ ଟି ଟିମ୍ ସେମି ଫାଇନାଲ ଖେଳିବେ। ଏହା ପରେ ଦୁଇ ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିଅନ ଓ ରନର୍ସଅପ୍ ଟିମକୁ ଆକର୍ଷଣୀୟ ଟ୍ରଫି ଓ ନଗଦ ଅର୍ଥରାଶି ସହିତ ତୃତୀୟ ସ୍ଥାନ ଅଧିକାର କରିଥିବା ଟିମ୍‌କୁ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ପଟିଆ ଗ୍ରାମର ଏକତା ବଜାୟ ରଖିବା ଓ ଯୁବପିଢ଼ୀ ମାନଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି ଏବଂ ଦକ୍ଷ ଖେଳାଳି ପ୍ରସ୍ତୁତ କରିବା ପାଇଁ ଏଭଳି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି ବୋଲି ମୁଖ୍ୟ ପରିଚାଳକ ସାଗର ଚନ୍ଦ୍ର ରାଉତ, ବିକି ଦାସ, ଆନ ଜେନା, ଲିକୁ ଜେନା କହିଛନ୍ତି।

# ଆକ୍ସିସ ମ୍ୟାକ୍ସ ଲାଇଫ ପକ୍ଷରୁ ପିଏଆର୍ ବୋନସ ଘୋଷଣା

**ଭୁବନେଶ୍ୱର(ବ୍ୟୁରୋ)** ଆକ୍ସିସ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ ଲିମିଟେଡ (ପୂର୍ବରୁ ମ୍ୟାକ୍ସ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଲିଃ ଭାବେ ପରିଚିତ) ପକ୍ଷରୁ ଏହାର ଯୋଗ୍ୟ ବୀମାଧାରକଙ୍କ ପାଇଁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୨୫୩୦ କୋଟି ଟଙ୍କାର ଏକ ପାର୍ଟିସିପେଟିଙ୍ଗ (ପିଏଆର) ବୋନସ୍ ଘୋଷଣା କରାଯାଇଛି। ଏହା କମ୍ପାନୀର କ୍ରମାଗତ ୨୪ତମ ବାର୍ଷିକ ବୋନସ୍‌କୁ ସୂଚିତ କରୁଛି ଏବଂ ଗତ ୨୪ ବର୍ଷରେ ଘୋଷଣା କରାଯାଇଥିବା ମୋଟ ବୋନସ୍ ରାଶିକୁ ୧୮୩୭୭ କୋଟି ଟଙ୍କାରେ ପହଂଚାଇଛି। ଏହି ଘୋଷିତ ବୋନସ୍ ରାଶିକୁ ଆସନ୍ତା ଜୁଲାଇ ୨୦୨୬ରୁ କମ୍ପାନୀର ୨୧ ଲକ୍ଷରୁ ଅଧିକ ଯୋଗ୍ୟ ପିଏଆର ବିମାଧାରକଙ୍କୁ ପ୍ରଦାନ କରାଯିବ। ସେହିପରି ଗତ ଦଶନ୍ଧିରେ ୧୭%ର ଏକ ସିଏଜିଆର ସହିତ ଆକ୍ସିସ ମ୍ୟାକ୍ସ ଲାଇଫର ପିଏଆର ପାଣ୍ଠି ଗତ ୨୦୨୪-୨୫ରେ ୭୪୧୧୯ କୋଟି ଟଙ୍କାରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୭୯,୦୦୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

# ନୃତ୍ୟଶ୍ରୀ ପକ୍ଷରୁ ନୃତ୍ୟ ଉତ୍ସବ



**ଭୁବନେଶ୍ୱର(ବ୍ୟୁରୋ)** ଭୁବନେଶ୍ୱର ନୃତ୍ୟଶ୍ରୀ ଅନୁଷ୍ଠାନ ତରଫରୁ ଜୁନ ୧୦ ଓ ୧୧ତାରିଖ ଦଶମ ଜାତୀୟ ସେମିନାର ଓ ନୃତ୍ୟ ଉତ୍ସବ ୯ନମ୍ବର ସ୍ଥିତ ବୁଦ୍ଧ ମନ୍ଦିର ଠାରେ ମହାସମାରୋହ ରେ ପାଳିତ ହୋଇଯାଇଛି। ପ୍ରଥମ ଦିନରେ ଗୁରୁ ନିରଞ୍ଜନ ରାଉତ, ଗୁରୁ ରାଜକୁମାର ପ୍ରଧାନ ଓ ଗୁରୁ ପ୍ରଦୀପ କୁମାର ଦାସ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ।ରାଜ୍ୟ ର ବିଭିନ୍ନ ସହରରୁ ପ୍ରାୟ ୪୦ଜଣ ରୁ ଅଧିକ କଳାକାର ସେମାନଙ୍କର ଉଚ୍ଚକୋଟି ର ନୃତ୍ୟ ପରିବେଷଣ କରି ଦର୍ଶକମାନଙ୍କୁ ଆକୃଷ୍ଟ କରିପାରିଥିଲେ। ଦ୍ୱିତୀୟ ଦିନ ରେ ଗୁରୁ ଡ଼. ସ୍ନେହପ୍ରଭା ସାମନ୍ତରାୟ, ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ ଓ ନିର୍ଦେଶକ ଧିରେନ୍ଦ୍ରନାଥ ମଲ୍ଲିକ ଅତିଥି ଭାବରେ ଯୋଗ ଦେଇ ଜାତୀୟ ଆଲୋଚନା ଚକ୍ରକୁ ସମ୍ବୋଧିତ କରିଥିଲେ। ଓଡିଶୀ ନୃତ୍ୟ ଆଧୁନିକତା ର ପ୍ରଭାବ ଓ ଶାସ୍ତ୍ରୀୟ ମୌଳିକତା ର ସଙ୍କଟ ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ପ୍ରଫେସର ଡ଼.ନିତା ବହିଦାର, ଗୁରୁ ସୁଶ୍ରୀ ମିନାକ୍ଷୀ ବେହେରା, ଗୁରୁ ଚପଳା ମିଶ୍ର, ଗୁରୁ ଅଞ୍ଜନା ମହାନ୍ତି ସେମାନଙ୍କର ବହୁମୂଲ୍ୟ ତଥ୍ୟ ଉପସ୍ଥାପନା କରିଥିଲେ। ଗୁରୁ ଗୋବିନ୍ଦ ଚନ୍ଦ୍ର ପାଳ, ଗୁରୁ ହରିହର ମହାନ୍ତି, ଗୁରୁ ନିରଞ୍ଜନ ରାଉତ, ଡ଼. ସୁଜାତା ମିଶ୍ର, ଗୁରୁ ଗାୟତ୍ରୀ ଚାନ୍ଦ, ଗୁରୁ ମଞ୍ଜୁଶ୍ରୀ ପଣ୍ଡା, ଗୁରୁ ସନାତନ ନାୟକ, ଗୁରୁ ସ୍ୱୟଂପ୍ରଭା ସାହୁ,ଗୁରୁ ନମିତା ରାୟ,ଗୁରୁ ଭରତ ଚରଣ ଗିରି, ଗୁରୁ ସୁଶ୍ରୀ ମହାନ୍ତି, ଗୁରୁ ଡ଼. ମନମୋହନ ଶର୍ମା, ଗୁରୁ ପ୍ରଶାନ୍ତ ଭାଇନା, ଗୁରୁ ଗାୟତ୍ରୀ ଖୁଣ୍ଟିଆ,ଶତ୍ରୁଘନ ସାମଲ ପ୍ରମୁଖ ବହୁ ଗବେଷକ,ଶିଳ୍ପୀ ଅଂଶ ଗ୍ରହଣ କରି ନିଜସ୍ୱ ମତବ୍ୟକ୍ତ କରି ଆଲୋଚନା କୁ ସଫଳ କରିଥିଲେ। ଆଲୋଚନା ଚକ୍ର ଗବେଷକ ତୀର୍ଥାନନ୍ଦ ମହାନ୍ତି ଙ୍କ ଦ୍ୱାରା ସଂଯୋଜନା ହୋଇଥିଲା।ମଞ୍ଚ ଉପସ୍ଥାପନା କରିଥିଲେ ପ୍ରଫେସର ଗୁରୁ ପ୍ରଦୀପ କୁମାର ଦାସ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଅନୁଷ୍ଠାନର ସମ୍ପାଦକ ଗୁରୁ ଡ଼. ମନୋଜ କୁମାର ବେହେରା। ଅନୁଷ୍ଠାନ ର ସଭାପତି ସମୀର ହୋତା ଅନୁଷ୍ଠାନିକ ଧନ୍ୟବାଦ ଜ୍ଞାପନ କରିଥିଲେ। ସହସମ୍ପାଦକ ଅଞ୍ଜନ କୁମାର ଦେବତା କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ପାର୍ବତୀ ବେହେରା,ସ୍ୱଦେଶ ବିଶ୍ୱାଳ,କୀର୍ତ୍ତିକା ମହାନ୍ତି,ପୁଷ୍ପାଞ୍ଜଳି ସେନାପତି ଙ୍କ ସହଯୋଗ ରେ ଦୁଇଦିନର ଉତ୍ସବ ସଫଳ ହୋଇଥିଲା। ଶେଷରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ତଥା ବାଲେଶ୍ୱର, କେଉଁଝର, ମୟୁରଭଞ୍ଜ, ଖୋର୍ଦ୍ଧା, ବ୍ରହ୍ମପୁର, ସୋରୋ, ଭଦ୍ରକ ଇତ୍ୟାଦି କଳାକାର ମାନେ ଦଳଗତ ନୃତ୍ୟ ପରିବେଷଣ କରି ଦର୍ଶକ ମାନଙ୍କ ନିକଟ ରେ ଉଚ୍ଚପ୍ରଶଂସିତ ହୋଇଥିଲେ।

# ଆମାଜନରେ ଦୁଇଚକିଆ ଯାନ ବିକ୍ରି ୨ ଗୁଣ ବୃଦ୍ଧି

**ଭୁବନେଶ୍ୱର(ବ୍ୟୁରୋ)**ଆମାଜନ୍ ଡଟ ଇନରେ ଦୁଇଚକିଆ ଯାନ ଷ୍ଟୋର ବାର୍ଷିକ ଆଧାରରେ ୨ ଗୁଣ ବୃଦ୍ଧି ପାଇଛି। ଏହି ଚାହିଦା ଟାୟାର ୨ ଓ ୩ ସହରଗୁଡିକ ଦ୍ୱାରା ପରିଚାଳିତ ହୋଇଛି ଯେଉଁଠାରେ ଗ୍ରାହକମାନେ ପ୍ରତିଦିନ କମ୍ୟୁଟର୍ ବାଇକ ସହିତ ପ୍ରିମିୟମ୍ ଏବଂ ଇଲେକ୍ଟ୍ରିକ୍ ଯାନ ମଧ୍ୟ ବହୁମାତ୍ରାରେ ଚୟନ କରୁଛନ୍ତି। କମ୍ପାନୀ ବର୍ତମାନ ୩,୦୦୦ ରୁ ଅଧିକ ଓଇଏମ୍ ଅଥୋରାଇଜ୍‌ଡ ଡିଲରଙ୍କ ଦ୍ୱାରା ସମର୍ଥିତ ଇଲେକ୍‌ଟ୍ରିକ୍, ପ୍ରିମିୟମ୍ ଏବଂ କମ୍ୟୁଟର ସେଗମେଂଟରେ ୨୦ ରୁ ଅଧିକ ବ୍ରାଣ୍ଡର ସିଲେକ୍ସନକୁ ତାଲିକାଭୁକ୍ତ କରିଛି, ଯେଉଁଥିରେ ଟ୍ରିୟୁ, କେଟିଏମ୍, ରୟାଲ୍ ଏନଫିଲ୍ଡ, ବଜାଜ୍ ଅଟୋ, ଏଥର ଏନର୍ଜି ଏବଂ ହିରୋ ମୋଟୋକର୍ପ ସାମିଲ ରହିଛି। ଗତ ୧୨ ମାସ ମଧ୍ୟରେ ୨୩୦୦ରୁ ଅଧିକ ଟାୟାର ୩ ଟାଉନର ଗ୍ରାହକ ପ୍ରଥମ ଥର ପାଇଁ ଆମାଜନ ଡଟ୍ ଇନରୁ ଏକ ଦୁଇଚକିଆ ଯାନ କ୍ରୟ କରିଛନ୍ତି। ସେହିପରି ଆମାଜନରେ ବିକ୍ରି ହେଉଥିବା ପ୍ରତି ୧୦ଟି ଇଲେକ୍ଟ୍ରିକ ଦୁଇଚକିଆ ଯାନ ମଧ୍ୟରୁ ୭ଟି ମେଟ୍ରୋ ସହର ବାହାରରୁ କ୍ରୟ କରାଯାଉଛି। ଏସମ୍ପର୍କରେ ଆମାଜନ ଇଣ୍ଡିଆର ହୋମ୍, କିଚେନ ଓ ଆଉଟଡୋର ବିଭାଗର ନିର୍ଦ୍ଦେଶକ ଅମନ ଲୋହାନ କହିଛନ୍ତି, ନ୍ତଗ୍ରାହକମାନଙ୍କ ପାଇଁ ଆମାଜନ ଡଟ୍ ଇନ ସମ୍ପୂର୍ଣ୍ଣ ମୂଲ୍ୟ ସ୍ୱଚ୍ଛତା ଏବଂ ଡିଜିଟାଲ୍ ପେମେଂଟର ସୁବିଧା ସହିତ ବ୍ରାଣ୍ଡ, ମୂଲ୍ୟ ଏବଂ ଇନ୍ଧନ ପ୍ରକାର ଆଧାରରେ ସର୍ବବୃହତ ଚୟନକୁ ଏକତ୍ରିତ କରିଛି। ବ୍ରାଣ୍ଡଗୁଡ଼ିକ ପାଇଁ ଏହା ସେମାନଙ୍କର ପହଂଚକୁ ବିସ୍ତାର କରିଛି। ଗତ ଦୁଇ ବର୍ଷ ମଧ୍ୟରେ ଆମେ ଉଭୟ ଗ୍ରାହକ ଓ ବ୍ରାଣ୍ଡକୁ ସେବା ପ୍ରଦାନ କରିବା ପାଇଁ ସିଲେକ୍ସନ, ଟୁଲ ଓ ପହଂଚ ନିର୍ମାଣ କରିଛୁ ଏବଂ ବର୍ଷସାରା ଏହାର ବିସ୍ତାର ଜାରି ରଖିବୁ।ନ୍ତ ଆମାଜନ ଡଟ ଇନରେ କିଣାଯାଇଥିବା ହାରାହାରି ଦୁଇଚକିଆ ଯାନ ଏବେ ୧ ଲକ୍ଷ ଟଙ୍କା ଅତିକ୍ରମ କରିଛି, ଯାହା ଉଚ୍ଚ ବୈଶିଷ୍ଟତାର ମଡେଲ ପ୍ରତି ସ୍ପଷ୍ଟ ପରିବର୍ତନକୁ ପ୍ରତିଫଳିତ କରୁଛି।

# ଟିସିଏସ୍ ଓ ଆନ୍ଥ୍ରୋପିକ୍ ମଧ୍ୟରେ ବିଶ୍ୱସ୍ତରୀୟ ସହଯୋଗିତା

**ଭୁବେନଶ୍ୱର(ବ୍ୟୁେରା)**ଆଇଟି ସେବା, କନ୍‌ସଲ୍‌ଟିଂ ଓ ବ୍ୟବସାୟ ସମାଧାନର ଅଗ୍ରଣୀ ସଂସ୍ଥା ଟାଟା କନ୍‌ସଲ୍‌ଟାନ୍ସି ସର୍ଭିର୍ସେସ୍ (ଟିସିଏସ୍) ପକ୍ଷରୁ ଏଂଟରପ୍ରାଇଜ୍ ଏଆଇର ଗ୍ରହଣୀୟତାକୁ ବ୍ୟାପକ କରିବାେର ଗ୍ରାହକମାନଙ୍କୁ ସାହାଯ୍ୟ କରିବା ପାଇଁ ଅଗ୍ରଣୀ ଏଆଇ କମ୍ପାନି ଆନ୍ଥ୍ରୋପିକ୍ ସହ ବିଶ୍ୱସ୍ତରୀୟ ସେହେଯାଗିତା ସ୍ଥାପନ କରାଯାଇଛି। ଆଗୁଆ କ୍ଲାଉଡ୍ ମେଡଲ୍‌କୁ ହାସଲ କରି ଗ୍ରାହକମାନଙ୍କୁ ଦୃଢ଼ ମୂଲ୍ୟ, ଯୁଗ୍ମ ଶିଳ୍ପ ସମାଧାନ ଓ କ୍ଲାଉଡ୍ ପରିବାରେର ଗଭୀର ଏଆଇ ବିଶେଷତା ପ୍ରଦାନ କରିବା ପାଇଁ ଟିସିଏସ୍ ପକ୍ଷରୁ ଉତ୍ସର୍ଗୀକୃତ ବିଜେନସ୍ ୟୁନିଟ୍ ସ୍ଥାପନ କରାଯିବ। ଏକ ନିୟବିତ ଶିଳ୍ପ କ୍ଷେତ୍ରେର ଅଧିକାଂଶ ଏଆଇ କାର୍ଯ୍ୟକ୍ରମ ପରୀକ୍ଷାମୂଳକ ସ୍ତରେର ରହୁଛି, ଯେଉଁଠାେର ସଠିକତା, ଅଡିଟ ଦକ୍ଷତା ଓ ନିରୀକ୍ଷଣ ଅଧିକ କେଠାର ରହୁଥିବାରୁ ତ୍ରୁଟି ହେବାର ଅଧିକ ଆଶଙ୍କା ରହୁଛି। ଏହି ସେହେଯାଗିତାେର ସେହି ପ୍ରତିବନ୍ଧକକୁ ଅତିକ୍ରମ କରିବାେର ସାହାଯ୍ୟ କରାଯିବ। ଟିସିଏସ୍‌ର ପ୍ରଶାସନ, ନିୟବଣ ଓ କାର୍ଯ୍ୟକାରିତାେର ରହିଥିବା ବିେଶଷତାକୁ ଉପେଯାଗ କରି ସଂସ୍ଥାଗୁଡ଼ିକ କ୍ଲାଉଡ୍‌କୁ ସେମାନଙ୍କ ଉତ୍ପାଦେନର ବିଶ୍ୱାସର ସହ ସାମିଲ କରିପାରିବେ। ଏହି ବିଶ୍ୱସ୍ତରୀୟ ସେହେଯାଗିତା କ୍ଲାଉଡ୍ ପାର୍ଟର୍ନର ନେଟ୍‌ୱ୍କର୍ରେ ଟିସିଏସ୍ ସାମିଲ ହୋଇ ସଂସ୍ଥାଗୁଡ଼ିକୁ କ୍ଲାଉଡ୍ ମେଡଲ୍ ପ୍ରଦାନ କରିବ। ସାରା ସଂସ୍ଥାେର ତାହାକୁ ବ୍ୟାପକ ଭାବେ ବ୍ୟବହାର କରିବା ଓ ତାହାର ଫଳ ପାଇବା ପାଇଁ ଟିସସିଏସ୍ ତରଫରୁ ସଂସ୍ଥାଗୁଡ଼ିକୁ ସବୁ ପ୍ରକାର ସେହେଯାଗ କରାଯିବ। ଟିସିଏସ୍ ପକ୍ଷରୁ କ୍ଲାଉଡ୍ ସହ ୫୦,୦୦୦ ସହାୟକଙ୍କୁ ଇଞ୍ଜିନିୟରିଂ, ଫାଇନାନ୍ସ, ମାେକର୍ଟିଂ ଓ ସେଲ୍‌ସେର ନିୟୋଜିତ କରାଯିବ। ନିଜ ପରିଚାଳନାକୁ ବଦଳାଇବା ପାଇଁ ଟିସିଏସ୍ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିବ ଏବଂ ସେହି ଶିକ୍ଷାକୁ ଗ୍ରାହକମାନଙ୍କ ସଫଳତା ପାଇଁ ଉପେଯାଗ କରିବ। ଟିସିଏସ୍ ଓ ଆନ୍ଥ୍ରୋପିକ୍ ମିଳିତ ଭାବେ ଆର୍ଥିକ ସେବା, ସାର୍ବଜନୀନ ସେବା, ଜୀବ ବିଜ୍ଞାନ, ସ୍ୱାସ୍ଥ୍ୟେସବା, ବିମାନ ଚଳାଚଳ, ଟେଲିକମ୍ ଓ ମେଡଟ୍େକ୍ ପାଇଁ ଏଆଇ ସମାଧାନ ଓ ସେବା ପ୍ରଦାନ କରିେବ। ଟିସିଏସ୍‌ଣ ବିଭିନ୍ନ ଉତ୍ପାଦ, ପ୍ଲାଟଫର୍ମ ଓ ଡେମୋ୍ ସ୍ୱତନ୍ତ୍ର ସମାଧାନ ପାଇଁ ମଧ୍ୟ ଏହି ସେହେଯାଗିତାକୁ ଉପେଯାଗ କରାଯିବ। ଏହି ସେହେଯାଗିତା ସମ୍ପକର୍ରେ ଟିସିଏସ୍‌ର ଏମ୍‌ଡି ଓ ସିଇଓ କେ କିର୍ତିଭାସନ କହିଛନ୍ତି ଯେ, "ବ୍ୟବସାୟ ଦୃଶ୍ୟପ...କୁ ବୁଝିବା, ଜଟିଳ ବ୍ୟବସ୍ଥା ପରିକଳ୍ପନା କରିବା ଓ ଗଭୀର ଏଆଇ ଇଞ୍ଜିନିୟରିଂ ପ୍ରତିଭା ଲାଗୁ କରିବାରୁ ସଂସ୍ଥାଗତ ଏଆଇ ମୂଲ୍ୟ ଆସିଥାଏ। କ୍ଲାଉଡ୍‌କୁ ଆମର ଶିଳ୍ପ ବିଶେଷତା, ଇଞ୍ଜିନିୟରିଂ ଜଟିଳତା ଓ ବୃହତ ପରିମାଣର ରୂପାନ୍ତରଣ ଦକ୍ଷତା ସହ ସାମିଲ କରି ଆେମସେହି ଶିଳ୍ପ କ୍ଷେତ୍ରର ଗ୍ରାହକମାନଙ୍କୁ ଉତ୍ପାଦନ ବଢ଼ାଇବାେର ସହାୟତା ପ୍ରଦାନ କରିବୁ ଯେଉଁଠାେର ବିଶ୍ୱାସ, ସ୍ଥାୟୀତ୍ୱ ଓ ନିୟାମକ ଶୃଙ୍ଖଳା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବ୍ୟାପକ ସଂସ୍ଥାଗତ ସ୍ତରେର ଫ୍ରଂଟିୟର ଏଆଇକୁ ରୂପାନ୍ତରେଣର ପରିଣତ କରିବା ପାଇଁ କ୍ଲାଏଂଟ୍‌ମାନଙ୍କୁ ସହାୟତା କରିବାର ବ୍ୟାପକ ରଣନୀତିକୁ ଏହି ସେହେଯାଗିତା ପ୍ରତିଫଳିତ କରୁଛି।'' ଆନ୍ଥ୍ରୋପିକ୍‌ର ସହ ପ୍ରତିଷ୍ଠାତା ଓ ସିଇଓ ଡାରିଓ ଆେମାେଡଇ କହିଛନ୍ତି ଯେ, "ସଠିକତା ଅଧିକ ଗରୁତ୍ୱ ରଖୁଥିବା କ୍ଷେତ୍ରେର ସୁରକ୍ଷିତ, ବିଶ୍ୱସନୀୟତ ଓ ସହାୟକ ହେବା ପାଇଁ ଆେମ କ୍ଲାଉଡ୍‌କୁ ଗଠନ କରିଛୁ। ଆମର ଦ୍ୱିତୀୟ ବୃହତ ବଜାର ଭାରତ ପ୍ରତି ଆମର ରହିଥିବା ପ୍ରତିବଦ୍ଧତାକୁ ଏହି ସେହେଯାଗିତା ସୁଦୃଢ଼ କରୁଥିବା ବେଳ ନିଜର ୫୦,୦୦୦ କର୍ମଚାରୀଙ୍କ ସହ ଏହି ଅଂଚଳ ଓ ବିଶ୍ୱବ୍ୟାପୀ ସଂସ୍ଥା ଓ ପେସାଦାରଙ୍କ ପାଖେର କ୍ଲାଉଡ୍‌କୁ ଟିସିଏସ୍ ପହଂଚାଇବ।''

# ସାଓମି ଟିଭି ଏଫଏକ୍ସ ମିନି ଏଲ୍‌ଇଡି ସିରିଜର ସେଲ୍ ଆରମ୍ଭ

**ଭୁବନେଶ୍ୱର(ବ୍ୟୁରୋ)** ସାଓମି ଇଣ୍ଡିଆ ପକ୍ଷରୁ ଆଜି ଫାୟାର ଟିଭି ବିଲ୍ଟ-ଇନ ସହ ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜର ଶୁଭାରମ୍ଭ କରାଯାଇଛି। ଏହି ନୂତନ ସ୍ମାର୍ଟ ଟେଲିଭିଜନ ସିରିଜ ୪୩ ଇଂଚ, ୫୫ ଇଂଚ, ୬୫ ଇଂଚ ଓ ୭୫ ଇଂଚ ସାଇଜରେ ଉପଲବ୍ଧ ରହିଛି ଯାହା ଅତ୍ୟାଧୁନିକ ଡିସ୍‌ପ୍ଲେ ଟେକ୍ନୋଲୋଜି, ନିମଜ୍ଜିତ ସାଉଣ୍ଡ, ଇଂଟେଲିଜେଂଟ ଫିଚର ଓ ସହଜ କଂଟେଂଟ ପହଂଚକୁ ଏକତ୍ରିତ କରିଛି। ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜ ଏମଆଇ ଡଟ୍ କମ, ଆମାଜନ ଡଟ୍ ଇନ, ସାଓମି ରିଟେଲ ଷ୍ଟୋର ଓ ଅଗ୍ରଣୀ ଅଫ୍‌ଲାଇନ ପାର୍ଟନର ଆଉଟଲେଟଗୁଡିକରେ ଉପଲବ୍ଧ ହେଉଛି। ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ଟିଭିର ପ୍ରାରମ୍ଭିକ ମୂଲ୍ୟ ୨୯,୯୯୯ ଟଙ୍କା ରହିଛି। ଏହାର ଲଂଚ ଅଫର୍‌ରେ ନିର୍ଦ୍ଧିଷ୍ଟ ବ୍ୟାଙ୍କ ପାର୍ଟନର ଉପରେ ୩୦୦୦ ଟଙ୍କା ପର୍ଯ୍ୟନ୍ତ ତତ୍କାଳ ବ୍ୟାଙ୍କ ରିହାତି ସାମିଲ ରହିଛି। ସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜର ଉପଲବ୍ଧତା ସମ୍ପର୍କରେ ମତବ୍ୟକ୍ତ କରି ସାଓମି ଇଣ୍ଡିଆର ମୁଖ୍ୟ ବାଣିଜ୍ୟ ଅଧିକାରୀ, ଶ୍ରୀ ସନ୍ଦୀପ ସିଂହ ଅରୋରା କହିଛନ୍ତି, ନ୍ତସାଓମି ଟିଭି ଏଫଏକ୍ସ ମିନି ଏଲଇଡି ସିରିଜ ଏକ ସହଜ ଦୃଶ୍ୟତା ଅନୁଭୂତି ସୃଷ୍ଟି କରିବା ପାଇଁ ଆଡ୍‌ଭାନ୍ସଡ କ୍ୟୁଡି ମିନି ଏଲଇଡି ଟେକ୍ନୋଲୋଜି, ନିମଜ୍ଜିତ ଅଡିଓ ଓ ସହଜ ସ୍ମାର୍ଟ ଫିଚରଗୁଡିକୁ ଏକତ୍ରିତ କରିଛି। ଏହା ପ୍ରିମିୟମ ଟେକ୍ନୋଲୋଜିକୁ ଅଧିକ ପହଂଚଯୋଗ୍ୟ କରିବା ସହ ଉପଭୋକ୍ତାଙ୍କୁ ଉନ୍ନତ ମୂଲ୍ୟ ପ୍ରଦାନ କରିବା ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି।ନ୍ତ ଆମାଜନ ଇଣ୍ଡିଆର ଫାୟାର ଟିଭି ମୁଖ୍ୟ ସାୟନ୍ତନି ଚୌଧୁରୀ କହିଛନ୍ତି, ଫାୟାର ବିଲ୍ଟ-ଇନ ଓ ଆଲେକ୍ସାର ଶକ୍ତି ସହିତ ଗ୍ରାହକମାନେ ଏକ ବ୍ୟକ୍ତିଗତ, ସ୍ମାର୍ଟ ଓ ସହଜ ଦୃଶ୍ୟତା ଅଭିଜ୍ଞତା ଉପଭୋଗ କରିପାରିବେ ଯାହା ଭଏସ୍ ପରିଚାଳିତ ହୋଇଥିବ।

# ଅତ୍ୟଧିକ ଉତ୍ତାପରୁ ଶ୍ରମିକଙ୍କୁ ରକ୍ଷା କରିବା ପାଇଁ ଦାବି

**ଭୁବନେଶ୍ୱର(ବ୍ୟୁରୋ)** କ୍ରମବର୍ଦ୍ଧିଷ୍ଣୁ ପୃଥିବୀର ଉତାପ ବୃଦ୍ଧି ହ୍ରାସ କରିବା ପାଇଁ ଜାତିସଂଘର ୨୦୩୦ ପାଇଁ ଧାର୍ଯ୍ୟ ଲକ୍ଷ ଏସ୍‌ଡିଜି ୧୩-୧୪-୧୫ କୁ ସବୁ ଦେଶ କାର୍ଯ୍ୟକାରୀ କରିବା, ଜଳବାୟୁ ପରିବର୍ତନ ଓ ଉତାପକୁ କମାଇବା ପାଇଁ କାର୍ବନ ହ୍ରାସ କରିବା ଏବଂ ଅତ୍ୟଧିକ ଉତାପ ବୃଦ୍ଧିଜନିତ ସଂକଟରୁ ଶ୍ରମିକମାନଙ୍କୁ ରକ୍ଷା କରିବା ପାଇଁ ମାଲିକ ଓ ଶ୍ରମିକ ମିଳିତ ଭାବରେ କାର୍ଯ୍ୟକ୍ରମ ଗ୍ରହଣ କରିବା, ଅତ୍ୟଧିକ ଉତାପ ସମୟରେ କାର୍ଯ୍ୟବନ୍ଦ କରିବା, ଉତାପଜନିତ ରୋଗ ପାଇଁ ସମସ୍ତ ଚିକିତ୍ସା ବ୍ୟବସ୍ଥା କରିବା ଓ ଆନ୍ତର୍ଜାତିକ ଶ୍ରମିକ ସଂଗଠନ କନ୍‌ଭେନସନ ୧୫୫, ୧୬୭ ଓ ୧୮୭କୁ କାର୍ଯ୍ୟକାରୀ କରିବା ପାଇଁ ଆନ୍ତର୍ଜାତିକ ନିର୍ମାଣ ଓ ଜଙ୍ଗଲ କର୍ମଚାରୀ ମହାସଂଘର ଗତ ତା. ୧୧ ଓ ୧୨ ଜୁନ ତାରିଖରେ ଜେନେଭା ଠାରେ ଅନୁଷ୍ଠିତ ବିଶ୍ୱକାର୍ଯ୍ୟକାରୀ କମିଟିରେ ନିଷ୍ପତି ନିଆଯାଇଛି। ବୈଠକ ପରେ ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ସମସ୍ତ ସଭ୍ୟ ଓ କାର୍ଯ୍ୟକର୍ତା ଓ ଗ୍ରୀନ ପିସ୍ ଆନ୍ଦୋଳନର କାର୍ଯ୍ୟକର୍ତାଙ୍କ ସହ ମିଶି ଜେନେଭାସ୍ଥିତ ଜାତିସଂଘ କାର୍ଯ୍ୟାଳୟ ନିକଟରେ ଥିବା ଭଗ୍ନ ଚେୟାର ପାଖରେ ପୃଥିବୀର ଉତାପ କମାଅ ଓ ଶ୍ରମିକଙ୍କୁ ଉତାପ ଜନିତ ରୋଗ ଓ କଷ୍ଟରୁ ରକ୍ଷା କରିବା ଓ କ୍ଷତିପୁରଣ ଦେବା ପାଇଁ ସବୁ ଦେଶରେ ଆଇନ ପ୍ରଣୟନ କରିବା ଦାବୀରେ ଧାରଣା ଦେଇଥିଲେ। ଆନ୍ତର୍ଜାତିକ ନିର୍ମାଣ କର୍ମଚାରୀ ମହାସଂଘର ସଭାପତି ପେଓ, ଉପସଭାପତି ପାଟ୍ରିକ୍, ସାଧାରଣ ସମ୍ପାଦକ ଆମ୍ବେଦ ୟୁସୁନ୍, ପ୍ରବାସୀ ଶ୍ରମିକ କମିଟି ଅଧକ୍ଷ ଚେୟାରମ୍ୟାନ ଡ. ରାମଚନ୍ଦ୍ର ଖୁଂଟିଆ, ଯୁବ କମିଟି ଅଧକ୍ଷ ବିନୋଦ କୁମାର, କ୍ୟାମ୍ପେନ ଅଧକ୍ଷ ପାଉଲା କମେଲୀ, ଗ୍ରୀନ ପିସ୍ କମିଟି ସମେତ ସାରା ବିଶ୍ୱରୁ ବିଭିନ୍ନ ଦେଶରୁ ଆସିଥିବା ୧୦୦ ଅଧିକ ପ୍ରତିନିଧି ଯୋଗ ଦେଇଥିଲେ।ଆନ୍ତର୍ଜାତିକ ନିର୍ମାଣ ଶ୍ରମିକ ମହାସଂଘର ପ୍ରବାସୀ ଶ୍ରମିକ କମିଟି ଅଧକ୍ଷ ଡ. ରାମଚନ୍ଦ୍ର ଖୁଂଟିଆ ପ୍ରବାସୀ ଶ୍ରମିକମାନଙ୍କର ମଜୁରୀ, ସ୍ୱାସ୍ଥ୍ୟ ଚିକିତ୍ସା, ସାମାଜିକ ସୁରକ୍ଷା ପାଇଁ ଜାତିସଂଘ ଦ୍ୱାରା ଗୃହିତ ଗ୍ଲୋବାଲ କମ୍ପାକ୍ଟ ଫର ମାଇଗ୍ରେସନ ଓ କଡାକଡି ଭାବରେ କାର୍ଯ୍ୟକାରୀ କରିବା ପାଇଁ ଏବଂ ଭାରତ ସମେତ ଏସିଆ ପାସିଫିକ୍ର ସମସ୍ତ ଦେଶ ପ୍ରବାସୀ ଶ୍ରମିକମାନେ କାର୍ଯ୍ୟକରିବାକୁ ଯାଉଥିବା ଦେଶର ସରକାରଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ଚୁକ୍ତି ସ୍ୱାକ୍ଷର କରିବା ପାଇଁ ଦାବୀ କରିଥିଲେ। ସରକାରଙ୍କ ସହିତ ଦ୍ୱିପାକ୍ଷିକ ଚୁକ୍ତି ହେଲେ ପ୍ରବାସୀ ଶ୍ରମିକ ଠିକାଦାର ଏବଂ ତାଙ୍କର ସବ୍‌କଂଟ୍ରାକ୍ଟରମାନଙ୍କର ଶ୍ରମିକ ଉପରେ ହେଉଥିବା ଅତ୍ୟାଚାରକୁ ନିୟନ୍ତ୍ରଣ କରାଯାଇପାରିବ।

# ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ୟୁଏସଡିରେ ଏଫସିଏନଆର୍ ଡିପୋଜିଟ

**ଭୁବନେଶ୍ୱର(ବ୍ୟୁରୋ)** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଡଲାର (ୟୁଏସଡି)ରେ ଏଫସିଏନଆର(ବି) ସ୍ପେଶାଲ ଅପରଚ୍ୟୁନିଟି ଡିପୋଜିଟର ଶୁଭାରମ୍ଭ କରାଯାଇଛି ଯାହା ସୁରକ୍ଷିତ ଓ ଆକର୍ଷଣୀୟ ବିଦେଶୀ ମୁଦ୍ରା ନିବେଶ ସୁଯୋଗ ଚାହୁଁଥିବା ପ୍ରବାସୀ ଭାରତୀୟ (ଏନଆରଆଇ) ଗ୍ରାହକଙ୍କୁ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିଥାଏ। ଏହାର ସ୍ୱତନ୍ତ୍ର ରେଟ୍ ସୀମିତ ଅବଧି ପାଇଁ ଜୁନ୍ ୧୧ ତାରିଖ ୨୦୨୬ରୁ ସେପ୍ଟେମ୍ବର ୨୦ ତାରିଖ ୨୦୨୬ ପର୍ଯ୍ୟନ୍ତ ବୈଧ ରହିବ। ୟୁଏସଡିରେ ୩ ବର୍ଷରୁ ଅଧିକ ୪ ବର୍ଷରୁ କମ୍ ଅବଧିରେ ୧ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶି ପାଇଁ ୬% ସୁଧ ରହିଥିବା ବେଳେ ୧ ମିଲିୟନ ଡଲାରରୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶିରେ ୬.୦୫% ଓ ୫ ମିଲିୟନ ଡଲାରରୁ ଅଧିକ ଜମା ରାଶି ଉପରେ ୬.୧୦% ସୁଧ ରହିଛି। ସେହିପରି ୪ ବର୍ଷରୁ ଅଧିକ ୫ ବର୍ଷରୁ କମ୍ ଅବଧିରେ ୧ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶି ପାଇଁ ୬.୦୫% ସୁଧ ରହିଥିବା ବେଳେ ୧ ମିଲିୟନ ଡଲାରରୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶିରେ ୬.୧୦% ଓ ୫ ମିଲିୟନ ଡଲାରରୁ ଅଧିକ ଜମା ରାଶି ଉପରେ ୬.୧୫% ସୁଧ ରହିଛି। ୫ ବର୍ଷ ଅବଧି ପାଇଁ ୧ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶି ପାଇଁ ୬.୧୦% ସୁଧ ରହିଥିବା ବେଳେ ୧ ମିଲିୟନ ଡଲାରରୁ ୫ ମିଲିୟନ ଡଲାର ପର୍ଯ୍ୟନ୍ତ ଜମା ରାଶିରେ ୬.୧୫% ଓ ୫ ମିଲିୟନ ଡଲାରରୁ ଅଧିକ ଜମା ରାଶି ଉପରେ ୬.୨୦% ସୁଧ ରହିଛି। ଡଲାର (ୟୁଏସଡି)ରେ ଏଫସିଏନଆର(ବି) ସ୍ପେଶାଲ ଅପରଚ୍ୟୁନିଟି ଡିପୋଜିଟରେ ଅନେକ ସୁବିଧା ରହିଛି ଯେପରିକି ଏଥିରେ ମୂଳ ଓ ସୁଧ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାବର୍ତନଯୋଗ୍ୟ, ବିନିମୟ ହାର ହ୍ରାସ ବିରୋଧରେ ସୁରକ୍ଷା ରହିଛି ।